**ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ କାର୍ଯ୍ୟାଳୟ**
**ସମ୍ବଲପୁର, ଓଡିଶା**
**ଇ-ମେଲ: eonacrdl@gmail.com**
**ଦୂରଭାଷ : ୦୬୬୪୪ – ୨୫୩୪୬୬**

## <u>ନିଲାମ ଶୁଦ୍ଧି ପତ୍ର – ୦୧</u>

**ପତ୍ର ସଂଖ୍ୟା -** ୪୦୪୬ **ତାରିଖ – ୨୨.୧୨.୨୦୨୫**

ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲର ସମସ୍ତ ଅଞ୍ଚଳ ପାଇଁ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ବିଜ୍ଞାପନ ନିମନ୍ତେ ନିଲାମ ଦେବା ପାଇଁ ପ୍ରତି ବର୍ଷ **ଟ. ୮୦,୦୦୦ ଙ୍କା** (ଅଶୀ ହଜାର) ମାତ୍ର କାର୍ଯ୍ୟାଳୟ ଧାର୍ଯ୍ୟ କରିଅଛି । ଏଣୁ ଉକ୍ତ ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି କାର୍ଯ୍ୟାଳୟରୁ ଫର୍ମ କ୍ରୟ କରି ଆବେଦନ କରିପାରିବେ । ଉକ୍ତ ଫର୍ମର ମୂଲ୍ୟ **ଟ. ୫୦୦ ଙ୍କା** (ପାଞ୍ଚ ଶହ) ମାତ୍ର ଯାହାକି ଫେରସ୍ତ ମିଳିବ ନାହିଁ । ନିଲାମ ଫର୍ମ ବିକ୍ରୟ ହେବା ଓ ଆବେଦନ କରିବାର ର ସମୟ ସୀମା ହେଲା **ତା ୨୨-୧୨-୨୦୨୫ ରିଖ ସକାଳ ୧୦ ଘଟିକା** ଠାରୁ ଛୁଟି ଦିନ ବ୍ୟତୀତ **ତା ୨୯-୧୨-୨୦୨୫ ରିଖ ଅପରାହ୍ନ ୫ ଘଟିକା** ପର୍ଯ୍ୟନ୍ତ । ଉକ୍ତ ଫର୍ମ ଗୁଡିକୁ **ତା ୩୦-୧୨-୨୦୨୫ ରିଖ ସକାଳ ୧୧ ଘଟିକା** ସମୟରେ ଖୋଲାଯାଇ ଆବେଦନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବୋଚ୍ଚ ନିଲାମ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି ଙ୍କୁ ନିଲାମ ଦିଆଯିବ । ଯଦି ନିଲାମ ପାଇଥିବା ବ୍ୟକ୍ତି **୭ ଦିନ** ମଧ୍ୟରେ ନିଲାମ ରାଶି ଜମା କରିବାରେ ଖିଲାପି କରନ୍ତି, ତାଙ୍କ ନିଲାମଙ୍କୁ ବିନା କୌଣସି ନୋଟିସରେ ନାକଚ କରାଯିବ । ନିଲାମ ଆବେଦନ କରିବାର ସମସ୍ତ ସର୍ତ୍ତାବଳୀ **ସାରଣୀ 'କ'** ରେ ପ୍ରଦତ୍ତ କରାଗଲା ।

**(ବି.ଦ୍ର. - ସର୍ତ୍ତାବଳୀ ଅନୁସାରେ ଅସମ୍ପୂର୍ଣ୍ଣ ଫର୍ମ କୁ ନିମ୍ନ ସ୍ୱାକ୍ଷରକାରୀ ନାକଚ କରିବାର କ୍ଷମତା ରଖନ୍ତି )**

### <u>ସାରଣୀ 'କ'</u>

୧ - ଆବେଦନକାରୀ ଓଡ଼ିଶା ରାଜ୍ୟ ର ବାସିନ୍ଦା ହୋଇଥିବେ ।

୨- ଆବେଦନକାରୀଙ୍କ ଆଧାର କାର୍ଡ, ଭୋଟର କାର୍ଡ, GSTIN ନମ୍ବର ଓ ପାନ କାର୍ଡ ର ଜେରକ୍ସ କପି ଫର୍ମରେ ସଂଲଗ୍ନ କରିବା ବାଧ୍ୟତାମୂଳକ ଅଟେ ।

୨୨.୧୨.୨୫

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

**ଜ୍ଞାପକ ସଂଖ୍ୟା -** ୪୦୪୭ **ତାରିଖ -** ୨୨/୧୨/୨୦୨୫

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ସମ୍ବଲପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୨୨.୧୨.୨୫

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

**ଜ୍ଞାପକ ସଂଖ୍ୟା -** ୪୦୪୮ **ତାରିଖ -** ୨୨/୧୨/୨୦୨୫

ଏହାର ଏକକିତା ନକଲ ଉପଜିଲ୍ଲାପାଳ ରେଢାଖୋଲ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରେଢାଖୋଲ/ ତହସିଲଦାର, ରେଢାଖୋଲ/ ଥାନା ଭାରପ୍ରାପ୍ତ ଅଧିକାରୀ, ରେଢାଖୋଲ ଏବଂ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

୨୨.୧୨.୨୫

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

**ଜ୍ଞାପକ ସଂଖ୍ୟା -** ୪୦୪୯ **ତାରିଖ -** ୨୨/୧୨/୨୦୨୫

ଏହାର ଏକକିତା ନକଲ DeGM, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହା ସହିତ ଉକ୍ତ ଶୁଦ୍ଧିପତ୍ର କୁ ଜିଲ୍ଲା ୱେବସାଇଟରେ ପ୍ରକାଶିତ କରିବା ପାଇଁ ଅନୁରୋଧ କରାଗଲା ।

୨୨.୧୨.୨୫

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

**ଜ୍ଞାପକ ସଂଖ୍ୟା -** ୪୦୫୦ **ତାରିଖ -** ୨୨/୧୨/୨୦୨୫

ଏହାର ଏକକିତା ନକଲ MIS, ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହା ସହିତ ଉକ୍ତ ବିଜ୍ଞପ୍ତି କୁ ପରିଷଦ ର ୱେବସାଇଟରେ ପ୍ରକାଶିତ କରିବା ପାଇଁ ଜଣାଇ ଦିଆଗଲା ।

୨୨.୧୨.୨୫

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ

## ନିଲମର ସର୍ତ୍ତାବଳୀ

୧. ନିଲାମ ଧାରୀଙ୍କ ନାମ ବିଜ୍ଞାପିତ ଅଞ୍ଚଳ ପରିଷଦ ରେଢାଖୋଲ ମଧ୍ୟରେ ବାସଗୃହ ଏବଂ ହୋଲ୍ଡିଂ /ସେବାକର ପଇଠ କରୁଥିବା ଆବଶ୍ୟକ । ନିଲାମ ପେପର ସହିତ ତାର ନକଲ ସଂଲଗ୍ନ କରିବେ।

୨. ନିଲାମଧାରୀ ଙ୍କ ନାମରେ ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ରେଢାଖୋଲ ର କୌଣସି ବକେୟା ପ୍ରାପ୍ୟ ଥିଲେ, ନିଲାମ ଟି ଅଗ୍ରାହ୍ୟ ହେବ ଓ ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ।

୩. ହୋଡ଼ି ବିଜ୍ଞାପନର ମହସୁଲ ବର୍ଗ ଫୁଟ ପିଛା ସର୍ବାଧିକ ୨୦.୦୦ (କୋଡିଏ ଟଙ୍କା ) ଟଙ୍କା ଆକାରରେ ଆଦାୟ କରାଯିବ।

୪. ନିଲାମ ଫର୍ମ ସହିତ ଆବେଦନକାରୀଙ୍କ ଭୋଟର ପରିଚୟ ପତ୍ରର ନକଲ କିମ୍ବା ଚିହ୍ନଟ ପାଇଁ ଆବଶ୍ୟକ ପ୍ରମାଣ ପତ୍ର ଦାଖଲ କରିବେ।

୫. ନିଲାମ ଦାଖଲ କରିଥିବା ବ୍ୟକ୍ତି ବିଶେଷ କୌଣସି ଭୁଲ ତଥ୍ୟ ଦାଖଲ କରିଥିଲେ କିମ୍ବା ନିଲାମ ସମ୍ବନ୍ଧୀୟ କୌଣସି ସର୍ତ୍ତା ବଳୀ ଉପରେ undertaking ଦେଇଥିଲେ ତାହା ଗ୍ରହଣ କରାଯିବ ନାହିଁ ଓ ସମ୍ପୃକ୍ତ ନିଲାମ ଅଯୋଗ୍ୟ ଘୋଷିତ ହେବ।

୬. କୌଣସି ଆବେଦନ କାରୀ ସଇରାତ ପାଇବା ପାଇଁ ଯୋଗ୍ୟ ବିବେଚିତ ହେଲେ ସେ ତାଙ୍କର ଆବେଦନ ଫର୍ମ ରେ ଉଲ୍ଲେଖ କରିଥିବା ନିଲାମ ରାଶି କାର୍ଯାଦେଶ ପାଇବାର ୭ ଦିନ ମଧ୍ୟରେ ଚୁକ୍ତି ନାମ ପୂର୍ବରୁ ଜମା ଦେବେ, ଅନ୍ୟଥା ତାଙ୍କର ଆବେଦନ କରିଥିବା ନିଲାମ ଅମାନତ ଟଙ୍କାକୁ ବାଜ୍ୟାପ୍ତ କରାଯିବ ଓ ଦ୍ଵିତୀୟ ( L 2) କୁ କାର୍ଯ୍ୟାଦେଶ ଦିଆଯିବ ।

୭. ଚୁକ୍ତିନାମା ସ୍ୱାକ୍ଷର ହେଲାପରେ କୌଣସି ପରିସ୍ଥିତିରେ ଜମା ରାଶି ଫେରସ୍ଥ ହେବ ନାହି ।

୮. ପରବର୍ତ୍ତି ସମୟରେ ଆବଶ୍ୟକ ଅନୁଯାୟୀ କର୍ତ୍ତୃପକ୍ଷ ଚାହିଲେ ନିୟମାବଳୀ ପରିବର୍ତ୍ତନ କରିପାରିବେ।

୯. ଆବେଦନକାରୀ ଫର୍ମ ନମ୍ବର ୨ କୁ ଏକ ଜଉମୁଦ ଲଫାପା ଦ୍ଵାରା ସିଲ କରି ଆବେଦନ କରିବେ ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ , ରେଢାଖୋଲ